# କଟକ ମହାନଗର ନିଗମ ସ୍ୱତନ୍ତ୍ର ବୈଠକ ବିବରଣୀ

ତା. ୨୦.୦୨.୨୦୧୮ ରିଖ , ସମୟ : ପୂର୍ବାହ୍ନ - ୧୧.୦୦ ଘଟିକା,

ସ୍ଥାନ : ବିଶ୍ୱନାଥ ପଣ୍ଡିତ ସମ୍ମିଳନୀ କକ୍ଷ

ଅଦ୍ୟ ତା ୨୦.୦୨.୨୦୧୮ ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ କଟକ ମହାନଗର ନିଗମର ସ୍ୱତନ୍ତ୍ର ଅଧିବେଶନ ନିଗମ ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ନିଗମର ମାନ୍ୟବର ମେୟର ଶ୍ରୀଯୁକ୍ତା ମୀନାକ୍ଷୀ ବେହେରା ସଭାପତିତ୍ୱ କରିଥିଲେ ।

## ଉପସ୍ଥିତ ସଭ୍ୟ / ସଭ୍ୟା

**ସର୍ବଶ୍ରୀ**

| | | |
|---|---|---|
| ୧. | ଶ୍ରୀଯୁକ୍ତ ଅଜୟ କୁମାର ବାରିକ, | ଡେପୁଟି ମେୟର, ୱାର୍ଡ଼ ନଂ-୩୬ |
| ୨. | ଶ୍ରୀଯୁକ୍ତ ଚିତ ରଞ୍ଜନ ଦାସ | କର୍ପୋରେଟର, ୱାର୍ଡ଼ ନଂ. – ୦୧ |
| ୩. | ସୁଶ୍ରୀ ଇତିଶ୍ରୀ ବେହେରା, | କର୍ପୋରେଟର, ୱାର୍ଡ଼ ନଂ. – ୦୨ |
| ୪. | ସୁଶ୍ରୀ ସେବତୀ ମାଝି | କର୍ପୋରେଟର, ୱାର୍ଡ଼ ନଂ. – ୦୩ |
| ୫. | ଶ୍ରୀଯୁକ୍ତା ଗିରିବାଳା ବେହେରା | କର୍ପୋରେଟର, ୱାର୍ଡ଼ ନଂ. – ୦୪ |
| ୬. | ଶ୍ରୀଯୁକ୍ତା ସୁପ୍ରିୟା ରାଉତ | କର୍ପୋରେଟର, ୱାର୍ଡ଼ ନଂ. – ୦୫ |
| ୭. | ଶ୍ରୀଯୁକ୍ତା ସଞ୍ଜୁକ୍ତା ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୦୬ |
| ୮. | ସୁଶ୍ରୀ ରଞ୍ଜିତା ବିଶ୍ୱାଳ | କର୍ପୋରେଟର, ୱାର୍ଡ଼ ନଂ. – ୦୭ |
| ୯. | ଶ୍ରୀଯୁକ୍ତ ବିକାଶ ରଞ୍ଜନ ବେହେରା | କର୍ପୋରେଟର, ୱାର୍ଡ଼ ନଂ. – ୦୯ |
| ୧୦. | ଶ୍ରୀଯୁକ୍ତ ଜ୍ଞାନ ରଞ୍ଜନ ସାଇଁ | କର୍ପୋରେଟର, ୱାର୍ଡ଼ ନଂ. – ୧୦ |
| ୧୧. | ଶ୍ରୀଯୁକ୍ତ ବିଜୟ ଦଳେଇ, | କର୍ପୋରେଟର, ୱାର୍ଡ଼ ନଂ. – ୧୧ |
| ୧୨. | ଶ୍ରୀଯୁକ୍ତ ଶିବ ପ୍ରସାଦ ଦଳାଇ, | କର୍ପୋରେଟର, ୱାର୍ଡ଼ ନଂ. – ୧୨ |
| ୧୩. | ଶ୍ରୀଯୁକ୍ତା ପଦ୍ମା ଭୂୟାଁ | କର୍ପୋରେଟର, ୱାର୍ଡ଼ ନଂ. – ୧୩ |
| ୧୪. | ଶ୍ରୀଯୁକ୍ତା ଅଞ୍ଜୁଶ୍ରୀ ଜେନା | କର୍ପୋରେଟର, ୱାର୍ଡ଼ ନଂ. – ୧୪ |
| ୧୫. | ଶ୍ରୀଯୁକ୍ତ ରମଜାନ ଖାନ | କର୍ପୋରେଟର, ୱାର୍ଡ଼ ନଂ. – ୧୬ |
| ୧୬. | ଶ୍ରୀଯୁକ୍ତା ଏ. ଶ୍ରୀଦେବୀ | କର୍ପୋରେଟର, ୱାର୍ଡ଼ ନଂ. – ୧୭ |
| ୧୭. | ଶ୍ରୀଯୁକ୍ତ ଅରୁଣ କୁମାର ସେଠୀ | କର୍ପୋରେଟର, ୱାର୍ଡ଼ ନଂ. – ୧୮ |
| ୧୮. | ସୁଶ୍ରୀ ଚାରୁଲତା ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୧୯ |
| ୧୯. | ଶ୍ରୀଯୁକ୍ତ ଅଜୟ ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୨୦ |
| ୨୦. | ସୁଶ୍ରୀ ଗୌରୀ ଦାସ | କର୍ପୋରେଟର, ୱାର୍ଡ଼ ନଂ. – ୨୧ |
| ୨୧. | ଶ୍ରୀଯୁକ୍ତା ଅନିତା ନାୟକ | କର୍ପୋରେଟର, ୱାର୍ଡ଼ ନଂ. – ୨୨ |
| ୨୨. | ଶ୍ରୀଯୁକ୍ତ ସେକ୍ ସମିମ୍ ଉଲ୍ଲା | କର୍ପୋରେଟର, ୱାର୍ଡ଼ ନଂ. – ୨୩ |

| | | |
|---|---|---|
| ୨୩. | ଶ୍ରୀଯୁକ୍ତ ରଞ୍ଜନ କୁମାର ବିଶ୍ୱାଳ | କର୍ପୋରେଟର, ୱାର୍ଡ଼ ନଂ. – ୨୪ |
| ୨୪. | ଶ୍ରୀଯୁକ୍ତ ପାରୁଲ ଜୟସ୍ୱାଲ | କର୍ପୋରେଟର, ୱାର୍ଡ଼ ନଂ. – ୨୫ |
| ୨୫. | ଶ୍ରୀଯୁକ୍ତା କାଂଚନ ଦାସ | କର୍ପୋରେଟର, ୱାର୍ଡ଼ ନଂ. – ୨୬ |
| ୨୬. | ଶ୍ରୀଯୁକ୍ତା ଇତିଶ୍ରୀ ଦାସ, | କର୍ପୋରେଟର, ୱାର୍ଡ଼ ନଂ. – ୨୭ |
| ୨୭. | ଶ୍ରୀଯୁକ୍ତା ବୈଶାଳୀ ବେହେରା | କର୍ପୋରେଟର, ୱାର୍ଡ଼ ନଂ. – ୨୮ |
| ୨୮. | ଶ୍ରୀଯୁକ୍ତା ମଞ୍ଜୁଲତା ପୃଷ୍ଟି, | କର୍ପୋରେଟର, ୱାର୍ଡ଼ ନଂ. –୨୯ |
| ୨୯. | ସୁଶ୍ରୀ ନମିତା ଦାସ, | କର୍ପୋରେଟର, ୱାର୍ଡ଼ ନଂ. – ୩୦ |
| ୩୦. | ଶ୍ରୀଯୁକ୍ତ ବିଜୟ କୁମାର ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୩୧ |
| ୩୧. | ଶ୍ରୀଯୁକ୍ତା ତଅପୋଇ ଦେଇ @ ସେଠୀ | କର୍ପୋରେଟର, ୱାର୍ଡ଼ ନଂ. – ୩୨ |
| ୩୨. | ଶ୍ରୀଯୁକ୍ତ ମନୋଜ କୁମାର ସେଠୀ, | କର୍ପୋରେଟର, ୱାର୍ଡ଼ ନଂ. – ୩୩ |
| ୩୩. | ଶ୍ରୀଯୁକ୍ତା ନମିତା ମଂଜରୀ ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୩୪ |
| ୩୪. | ଶ୍ରୀଯୁକ୍ତା ଦିପାଳୀବାଳା ଭୂୟାଁ | କର୍ପୋରେଟର, ୱାର୍ଡ଼ ନଂ. – ୩୫ |
| ୩୫. | ଶ୍ରୀଯୁକ୍ତ ଧର୍ମାନନ୍ଦ ପାତ୍ର | କର୍ପୋରେଟର, ୱାର୍ଡ଼ ନଂ. – ୩୬ |
| ୩୬. | ଶ୍ରୀଯୁକ୍ତ ଅନିଲ ନିଳାଦ୍ରୀ , | କର୍ପୋରେଟର, ୱାର୍ଡ଼ ନଂ. – ୩୮ |
| ୩୭. | ଶ୍ରୀଯୁକ୍ତା ସୁଲୋଚନା ସେଠୀ | କର୍ପୋରେଟର, ୱାର୍ଡ଼ ନଂ. – ୩୯ |
| ୩୮. | ଶ୍ରୀଯୁକ୍ତ ଜୟଦେବ ଜେନା, | କର୍ପୋରେଟର, ୱାର୍ଡ଼ ନଂ. – ୪୦ |
| ୩୯. | ଶ୍ରୀଯୁକ୍ତ ହେମନ୍ତ କୁମାର ବେହେରା, | କର୍ପୋରେଟର, ୱାର୍ଡ଼ ନଂ. – ୪୧ |
| ୪୦. | ଶ୍ରୀଯୁକ୍ତ ଚିରଂଜୟ ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୪୨ |
| ୪୧. | ସୁଶ୍ରୀ ପ୍ରମିଳା ମହାନ୍ତି | କର୍ପୋରେଟର, ୱାର୍ଡ଼ ନଂ. – ୪୩ |
| ୪୨. | ଶ୍ରୀଯୁକ୍ତା ଚିତ୍ରା ଖୁଣ୍ଟିଆ | କର୍ପୋରେଟର, ୱାର୍ଡ଼ ନଂ. – ୪୪ |
| ୪୩. | ଶ୍ରୀଯୁକ୍ତା ପ୍ରଳୟା ବେଉରା, | କର୍ପୋରେଟର, ୱାର୍ଡ଼ ନଂ. – ୪୬ |
| ୪୪. | ଶ୍ରୀଯୁକ୍ତା କବିତା ଖଣ୍ଡାୟୀ, | କର୍ପୋରେଟର, ୱାର୍ଡ଼ ନଂ. – ୪୭ |
| ୪୫. | ଶ୍ରୀଯୁକ୍ତ ନିରୋଦ ଚନ୍ଦ୍ର ପଣ୍ଡା, | କର୍ପୋରେଟର, ୱାର୍ଡ଼ ନଂ. – ୪୮ |
| ୪୬. | ଶ୍ରୀଯୁକ୍ତ ଦୟାନିଧି ନାୟକ, | କର୍ପୋରେଟର, ୱାର୍ଡ଼ ନଂ. – ୪୯ |
| ୪୭. | ଶ୍ରୀଯୁକ୍ତା ଦିପ୍ତି ପ୍ରଜ୍ଞା ମହାନ୍ତି, | କର୍ପୋରେଟର, ୱାର୍ଡ଼ ନଂ. – ୫୦ |
| ୪୮. | ଶ୍ରୀମତୀ ମମତା ବେହେରା | କର୍ପୋରେଟର, ୱାର୍ଡ଼ ନଂ. – ୫୧ |
| ୪୯. | ଶ୍ରୀଯୁକ୍ତ ହୃଷିକେଷ ପ୍ରଧାନ, | କର୍ପୋରେଟର, ୱାର୍ଡ଼ ନଂ. – ୫୨ |
| ୫୦. | ଶ୍ରୀଯୁକ୍ତ ପ୍ରଦୀପ କୁମାର ସାମନ୍ତରାୟ | କର୍ପୋରେଟର, ୱାର୍ଡ଼ ନଂ. – ୫୩ |
| ୫୧. | ଶ୍ରୀଯୁକ୍ତା ସୁରେଖା ସାମନ୍ତରାୟ | କର୍ପୋରେଟର, ୱାର୍ଡ଼ ନଂ. – ୫୪ |
| ୫୨. | ଶ୍ରୀଯୁକ୍ତ ବୈଦେଶ୍ୱର ପଣ୍ଡା | କର୍ପୋରେଟର, ୱାର୍ଡ଼ ନଂ. – ୫୫ |
| ୫୩. | ଶ୍ରୀଯୁକ୍ତ ସଂଜୟ କୁମାର ବରାଳ, | କର୍ପୋରେଟର, ୱାର୍ଡ଼ ନଂ. – ୫୬ |
| ୫୪. | ଶ୍ରୀଯୁକ୍ତା ରାଜକୁମାରୀ ସାଇଁ, | କର୍ପୋରେଟର, ୱାର୍ଡ଼ ନଂ. – ୫୮ |
| ୫୫. | ଶ୍ରୀଯୁକ୍ତ ପ୍ରମୋଦ କୁମାର ମହାପାତ୍ର | କର୍ପୋରେଟର, ୱାର୍ଡ଼ ନଂ. – ୫୯ |

## ଉପସ୍ଥିତ ପଦାଧିକାରୀ

| | | |
|---|---|---|
| ୧. | ଶ୍ରୀଯୁକ୍ତ ବିକାଶ ଚନ୍ଦ୍ର ମହାପାତ୍ର | ଆୟୁକ୍ତ |
| ୨. | ଶ୍ରୀଯୁକ୍ତ ମନୋଜ କୁମାର ବେହେରା | ଉପ ଆୟୁକ୍ତ-୩ |
| ୩. | ଶ୍ରୀଯୁକ୍ତ ଉମାକାନ୍ତ ଗଡ଼ନାୟକ | ନଗର ଯନ୍ତ୍ରୀ |
| ୪. | ଶ୍ରୀମତି ନମିତା ବିଶ୍ୱାଳ | ସଚିବ |
| ୫. | ଡ଼ଃ ମାନସ ରଂଜନ ସାମନ୍ତରାୟ | ସ୍ୱାସ୍ଥ୍ୟ ଅଧିକାରୀ |
| ୬. | ଶ୍ରୀଯୁକ୍ତ ଉମାକାନ୍ତ ଗଡ଼ନାୟକ | ନଗର ଯନ୍ତ୍ରୀ |
| ୭. | ଶ୍ରୀମତି ତିଲୋତମା ସାହୁ | ଓଏସ୍‌ଡ଼ି |
| ୮. | ଶ୍ରୀଯୁକ୍ତ ମନୀସ ସରକାର | ନିର୍ବାହୀ ଯନ୍ତ୍ରୀ -୧ |
| ୯. | ଶ୍ରୀଯୁକ୍ତ ଭାଗ୍ୟଧର ସାହୁ | ନିର୍ବାହୀ ଯନ୍ତ୍ରୀ -୨ |
| ୧୦. | ଶ୍ରୀଯୁକ୍ତ ଦିବ୍ୟ ରଞ୍ଜନ ତ୍ରିପାଠୀ | ଉପ ନିର୍ବାହୀ ଯନ୍ତ୍ରୀ |
| ୧୧. | ଶ୍ରୀଯୁକ୍ତ ମହେଶ ପ୍ରସାଦ ମିଶ୍ର | ସହକାରୀ ନିର୍ବାହୀ ଯନ୍ତ୍ରୀ |
| ୧୨. | ଶ୍ରୀଯୁକ୍ତ ନନ୍ଦ କିଶୋର ପାଲ | ସହକାରୀ ନିର୍ବାହୀ ଯନ୍ତ୍ରୀ |
| ୧୩. | ଶ୍ରୀଯୁକ୍ତ ସୁବାଶ ଚନ୍ଦ୍ର ସାହୁ | କନିଷ୍ଠ ଯନ୍ତ୍ରୀ |
| ୧୪. | ଶ୍ରୀଯୁକ୍ତ ବିକ୍ରମ ମିଶ୍ର | ପ୍ରକଳ୍ପ ନିର୍ଦ୍ଦେଶକ, ଜାଇକା |
| ୧୫. | ଶ୍ରୀଯୁକ୍ତ ଭବାନି ଶଙ୍କର ମହାନ୍ତି | ଏସ୍‌ଡ଼ିଓ, ଜନସାସ୍ଥ୍ୟ |
| ୧୬. | ଶ୍ରୀଯୁକ୍ତ ଆର.ଆର. ଓାହୁ | ଏସ୍‌ଡ଼ିଓ, ଜନସାସ୍ଥ୍ୟ |
| ୧୭. | ଶ୍ରୀଯୁକ୍ତ ଭବାନି ଶଙ୍କର ମହାନ୍ତି | ଏସ୍‌ଡ଼ିଓ, ଜନସାସ୍ଥ୍ୟ |
| ୧୮. | ଶ୍ରୀଯୁକ୍ତ ଗୋଲକ ପରିଡ଼ା | ପିଏମ୍‌ସି, ଡ୍ରେନେଜ |
| ୧୯. | ସରୋଜ କାନ୍ତ ମିଶ୍ର, | ପି.ଇ. ଡ୍ରେନେଜ |
| ୨୦. | ଶ୍ରୀଯୁକ୍ତ ସାସତ ପ୍ରିୟଦର୍ଶୀ ପତି | ଓପିଟିସିଏଲ |
| ୨୧. | ଅନ୍ୟାନ୍ୟ ଅଧିକାରୀ | ଜାଇକା, ଜନସାସ୍ଥ୍ୟ, ଡ୍ରେନେଜ |

ଏହି ବୈଠକରେ ଚୌଦ୍ୱାର କଟକ ବିଧାନ ସଭା ସଦସ୍ୟଙ୍କ ପ୍ରତିନିଧି ଶ୍ରୀଯୁକ୍ତ ଚୌଧୁରୀ ସୁବ୍ରତ ଘଡ଼ାଇ ଉପସ୍ଥିତ ଥିଲେ ।

ଅଧିବେଶନ ପ୍ରାରମ୍ଭରେ ମେୟର ତଥା ସଭାପତି ବୈଠକରେ ଉପସ୍ଥିତ ଥିବା ଡ଼େପୁଟି ମେୟର, କମିଶନର, ସମସ୍ତ କର୍ପୋରେଟର, ନିଗମର ସମସ୍ତ ଅଧିକାରୀ ଏବଂ ଜାଇକା, ଅମୃତ ତଥା ଓପିଟିସିଏଲ ଅଧିକାରୀମାନଙ୍କୁ ସ୍ୱାଗତ କରିବା ପରେ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରାଯିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

କଟକ ସହରରେ ଜାଇକା, ଅମୃତ ଏବଂ ଓପିଟିସିଏଲ କାର୍ଯ୍ୟ ଚାଲୁ ରହିଥିବାରୁ ସହରର ରାସ୍ତାଘାଟ ଦୁରାବସ୍ଥା ସମ୍ପର୍କରେ ବିଭିନ୍ନ କର୍ପୋରେଟରମାନଙ୍କ ଅଭିଯୋଗ ଆଦାରରେ ବିଭିନ୍ନ ୱାର୍ଡ଼ରେ ଜାଇକା କାର୍ଯ୍ୟ ୪ ବର୍ଷ ପୂର୍ବରୁ ଆରମ୍ଭ ହୋଇଥିଲେ ମଧ୍ୟ ଅଦ୍ୟାବଧି କେଉଁ ୱାର୍ଡ଼ରେ ଜାଇକା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନଥିବା ବେଳେ ଆଉ କେଉଁ

ଠାରେ ରାସ୍ତା ନିର୍ମାଣ କରାଯାଇନାହିଁ । ଫଳରେ ୱାର୍ଡ଼ବାସୀ ଯାତାୟତରେ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି । କେଉଁଠାରେ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଅଛି ଏବଂ ଜାଇକା ଦ୍ୱାରା ନିର୍ମାଣ କାର୍ଯ୍ୟ କରାଯିବା ସମୟରେ କ୍ଷତି ହେଉଥିବା ଡ୍ରେନ ଗୁଡ଼ିକର ନିର୍ମାଣ କିମ୍ବା ମରାମତି କରାଯାଉନାହିଁ । ତତ୍‌ସହିତ ଜାଇକା ରାସ୍ତା ଖୋଳି କାର୍ଯ୍ୟ କରିବା ସହୟରେ ମାଟି ପାଣିକୁ ଡ୍ରେନ ମଧ୍ୟରେ ଛାଡୁଥିବାରୁ ଡ୍ରେନରେ ଜଳ ନିଷ୍କାସନ ନହୋଇପାରି ରାସ୍ତାଘାଟରେ ମଇଳା ପାଣି ଜମିରହିବା ଫଳରେ ୱାର୍ଡ଼ବାସୀ ନାନା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଲୋକମାନେ ଘରୁ ବାହାରି ପାରୁନାହାଁନ୍ତି ଏବଂ ସ୍କୁଲ କଲେଜ ପିଲା ମାନେ ମଇଳା ପାଣିରେ ଯାତାୟତ କରିବା ଯୋଗୁ ନାନାଦି ରୋଗରେ ପିଡ଼ିତ ହେଉଛନ୍ତି । ରାସ୍ତାଘାଟରେ ପ୍ରବଳ ମାତ୍ରାରେ ଧୂଳିକଣା ଯୋଗୁଁ ଜଣ୍ଡିସ ବ୍ୟାପିବା ସହିତ ମଶା ବୃଦ୍ଧି ହେବା ହେତୁ ଲୋକମାନେ ତ୍ରାହି ତ୍ରାହି ଡ଼ାକିଲେଣି । ଜାଇକାର ମନ୍ଥର କାର୍ଯ୍ୟ କେବେ ସୁଦ୍ଧା ସମାପ୍ତ ହେବ ଗୃହରେ ସଦସ୍ୟା/ସଦସ୍ୟ ମାନେ ଉଦ୍‌ବେଗ ପ୍ରକାଶ କରିଥିଲେ । ଅନେକ ସଦସ୍ୟ/ସଦସ୍ୟା ମାନେ ଅଭିଯୋଗ କରି କହିଥିଲେ ଜାଇକା ପକ୍କା ରାସ୍ତା ନିର୍ମାଣ କଲାବେଳେ ବାଲି ନପକାଇ ମାଟି ଉପରେ ପକ୍କା ରାସ୍ତା ନିର୍ମାଣ କରୁଥିବାରୁ ଅନେକ ସ୍ଥାନରେ ରାସ୍ତା ଦବି ଦାଉଛି । ଏତଦ୍‌ବ୍ୟତିତ ଜାଇକା କାର୍ଯ୍ୟ ଟାଟା କମ୍ପାନି ଠିକାରେ ନେଇ ଅନେକ ସ୍ଥାନରେ ଛୋଟ ଛୋଟ ଠିକାଦାର ମାନଙ୍କୁ ପ୍ରଦାନ କରୁଛି ଯାହାଫଳରେ ଠିକାଦାରମାନେ ମନଇଛା କାର୍ଯ୍ୟ କରୁଛନ୍ତି । ଗୋଟିଏ ୱାର୍ଡ଼କୁ ଅନ୍ୟ ୱାର୍ଡ଼କୁ ରାସ୍ତା ସଂଯୋଗ କରିବା ସହମୟରେ ରାସ୍ତାର ସମାନତା ରକ୍ଷା କରାଯାଉନାହିଁ ଏବଂ ଜାଇକା କର୍ତୃପକ୍ଷ ଉକ୍ତ କାର୍ଯ୍ୟଗୁଡ଼ିକୁ ଅନୁଧ୍ୟାନ କରୁନାହାଁନ୍ତି , ଯାହା ଫଳରେ ଏଭଳି ସମସ୍ୟା ସୃଷ୍ଟି ହେଉଛି । ୱାର୍ଡ଼ବାସୀଙ୍କ ଏ ସବୁ ପ୍ରଶ୍ନର ସମ୍ମୁଖିନ ହେଉଥିବା ଲୋକ ପ୍ରତିନିଧିମାନେ ଜାଇକା କର୍ତୃପକ୍ଷଙ୍କ ସହ ଯୋଗଯୋଗ କରିବାକୁ ଚାହିଁଲେ ମଧ୍ୟ ଜାଇକା କର୍ତୃପକ୍ଷ ନା ଅଭିଯୋଗ ଶୁଣୁଛନ୍ତି ନା ସମସ୍ୟାର ସମାଧାନ କରୁଅଛନ୍ତି ।

ଅନ୍ୟପଟେ ଅମୃତ ଏବଂ ଓପିଟିସିଏଲ୍ ସଂସ୍ଥା ଜାଇକା ଦ୍ୱାରା ନିର୍ମାଣ କରାଯାଉଥିବା ରାସ୍ତାକୁ ଖୋଳି ପାଇପ ବିଛା କାର୍ଯ୍ୟ କରି ରାସ୍ତାକୁ ନିର୍ମାଣ ନକରିବା ସହିତ ମାଟି ଭର୍ତି କରି ଛାଡ଼ିଦେଉଛନ୍ତି । ନିୟମ ଅନୁଯାୟୀ ପାଇପ ବିଛାଯିବା ପରେ ବାଲିରେ ପୋତାଯିବା କଥା ମାଟିରେ ପୋତିଦେଇ ପଳାଇଯାଉଥିବାର ଦୃଷ୍ଟି ଗୋଚର ହେଉଅଛି । ଏ ସବୁ ବେନୀୟମ କାର୍ଯ୍ୟକୁ ଉକ୍ତ ସଂସ୍ଥାର ଯନ୍ତ୍ରୀମାନେ ତଦାରଖ କରୁନାହାଁନ୍ତି ନା ନିଗମର ଯନ୍ତ୍ରୀମାନେ ତଦାରଖ କରି ତଥ୍ୟ ପ୍ରଦାନ କରି ସମସ୍ୟାର ସମାଧାନ କରାଯାଉଛି । ବହୁବିଧି ସମସ୍ୟାର ଅନୁଧ୍ୟାନ କରାଯିବା ନିମନ୍ତେ ନିଗମରେ ଜଣେ ନୋଡ଼ାଲ ଅଧିକାରୀଙ୍କୁ ନିୟୋଜନ କରାଯାଇ କିମ୍ବା କୌଣସି ଅଧିକାରୀଙ୍କୁ ଦାୟୀତ୍ୱ ଅର୍ପଣ କରାଯିବା ନିମନ୍ତେ ସର୍ବସମ୍ମତି କ୍ରମେ ନିଷ୍ପତି ଗ୍ରହଣ କରାଗଲା ।

ଅନ୍ୟ ଏକ ବୈଧାନିକ ପ୍ରଶ୍ନ ଉତ୍‌ଥାପନ କରି କେତେ କର୍ପୋରେଟର କହିଥିଲେ ଉପରୋକ୍ତ ସଂସ୍ଥା ଗୁଡ଼ିକ ନିଗମ ଅଂଚଳରେ କାର୍ଯ୍ୟ ଆରମ୍ଭ ପୁର୍ବରୁ ନିଗମ ସହିତ ଚୁକ୍ତିନାମା କରିଛନ୍ତି କି ନାହିଁ । ଯଦି ଚୁକ୍ତିନାମା କରାଯାଇଛି ତେବେ ନୀୟମକୁ କେତେ ପାଳନ କରୁଛନ୍ତି ଏବଂ କେତେ କେତେ ଅମାନତ ରାଶି ଉକ୍ତ ସଂସ୍ଥା ଗୁଡ଼ିକ ନିଗମକୁ ପ୍ରଦାନ କରିଛନ୍ତି । ଏ ସବୁତଥ୍ୟ କାହିଁକି ଗୋପନ ରଖାଯାଇଛି । ଗୃହକୁ ଏ ବାବଦରେ

କାହିଁକି ତଥ୍ୟ ପ୍ରଦାନ କରାଯାଇନାହିଁ । ଆମ୍ଭେ ଲୋକପ୍ରତିନିଧି ମାନେ ଉତରଦାୟୀ ଥିବା ବେଳେ ଅଧିକାରୀମାନେ କଣ ଉତର ଦାୟୀ ନୁହଁନ୍ତି ବୋଲି ପ୍ରଶ୍ନ କରିଥିଲେ ।

ଜାଇକା ସର୍ଭେ କଲାବେଳେ ପ୍ରତ୍ୟେକ ୱାର୍ଡ଼ର ଅନେକ ଅଂଚଳକୁ ଜାଇକା ଯୋଜନାରେ ଅର୍ନ୍ତଭୂକ୍ତ କରାଯାଇନାହିଁ । ଜାଇକାର ପ୍ରକଳ୍ପ ନିର୍ଦ୍ଦେଶକ ୱାର୍ଡ଼ୱାରୀ କାର୍ଯ୍ୟ ତାଲିକା ଯାହା ପ୍ରଦାନ କରୁଛନ୍ତି ବାସ୍ତବରେ ତଥ୍ୟାନୁଯାୟୀ କାର୍ଯ୍ୟ ହୋଇନାହିଁ । କାଗଜ କଲମରେ ତଥ୍ୟ ଉପସ୍ଥାପନ କରି ଆମ୍ଭମାନଙ୍କୁ ଭୁଆଁ ବୁଲାନ୍ତୁ ନାହିଁ । ବାସ୍ତବତଥ୍ୟ ଅନୁଧ୍ୟାନ କରିବା ପାଇଁ ପ୍ରକଳ୍ପ ନିର୍ଦ୍ଦେଶକ ୱାର୍ଡ଼କୁ ପରିଭ୍ରମଣରେ ଚାଲନ୍ତୁ ଏବଂ ପ୍ରତ୍ୟେକ ୱାର୍ଡ଼କୁ ପରିଦର୍ଶନକୁ ଯିବା ବେଳେ ସମ୍ପୃକ୍ତ ୱାର୍ଡ଼ର କର୍ପୋରେଟର ମାନଙ୍କୁ ଯୋଗାଯୋଗ କରାଯିବା ପାଇଁ ନିଷ୍ପତି ଗ୍ରହଣ କରାଗଲା ।

ପ୍ରତ୍ୟେକ ଦିନ ଅନ୍ୟୁନ ୩ ଗୋଟି ୱାର୍ଡ଼କୁ ଅନୁଧ୍ୟାନ କରାଯିବା ନିମନ୍ତେ ଜାଇକା କର୍ତୃପକ୍ଷଙ୍କୁ ଆୟୁକ୍ତ ନିର୍ଦ୍ଦେଶ ଦେଇଥିଲେ ।

ଉପରୋକ୍ତ ସଂସ୍ଥା ଗୁଡ଼ିକ ୱାର୍ଡ଼ରେ କାର୍ଯ୍ୟ କଲାବେଳେ ସମନ୍ୱୟ ରଖି କାର୍ଯ୍ୟ ନକରିବା ଫଳରେ ୱାର୍ଡ଼ବାସୀ ଅଯଥାରେ ନାନାଦି ଅସୁବିଧାର ସମ୍ମୁଖିନ ହେଉଛନ୍ତି । ତେଣୁ ସର୍ବ ସମ୍ମତି ନିଷ୍ପତି ଅନୁଯାୟୀ ସମସ୍ତ ସଂସ୍ଥାର କର୍ମକର୍ତାଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ସମସ୍ତ କାର୍ଯ୍ୟ ଯଥାସମ୍ଭବ ଶିଘ୍ର ଶେଷ କରିବାକୁ ନିଷ୍ପତି ଗ୍ରହଣ କରାଗଲା ।

ଜାଇକା ପ୍ରକଳ୍ପ ନିର୍ଦ୍ଦେଶକ ଆଲୋଚନାରେ ଅଂଶ ଗ୍ରହଣ କରି,ଜାଇକା ଦ୍ୱାରା କରାଯାଉଥିବା କାର୍ଯ୍ୟର ତଥ୍ୟ ବୈଠକରେ ଉପସ୍ଥାପନ କରିଥିଲେ । ବିଭିନ୍ନ ୱାର୍ଡ଼ରେ ପ୍ରାୟତଃ ୮୦ ପ୍ରତିଶତ କାର୍ଯ୍ୟ ଶେଷ ହେଇଯାଇଥିବା ବେଳେ ଆବଶ୍ୟକ ୨୦ ପ୍ରତିଶତ କାର୍ଯ୍ୟ ଯଥାଶିଘ୍ର ସମାପ୍ତ କରାଯିବ ବୋଲି ସୁଚନା ଦେଇଥିଲେ ଏବଂ ଯେଉଁ ଯେଉଁ ୱାର୍ଡ଼ରେ ରାସ୍ତାଘାଟ, ଡ୍ରେନର ଯେକୌଣସି ସମସ୍ୟା ଅଛି ସେଗୁଡ଼ିକ ଅନୁଧ୍ୟାନ କରି ସମ୍ପୃକ୍ତ କର୍ପୋରେଟରମାନଙ୍କ ମତାମତ ଅନୁଯାୟୀ ସମାଧାନ କରାଯିବ ବୋଲି ସୁଚନା ଦେବା ସହ ବିଡ଼ାନାସୀ ଅଂଚଳରେ ଜାଇକାର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ଶେଷ ହୋଇଥିବାରୁ ଆସନ୍ତା ଏପ୍ରିଲ ମାସରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନର ବ୍ୟବସ୍ଥା କରାଯିବାକୁ ମତବ୍ୟକ୍ତ କରିଥିଲେ ।

ଜନସ୍ୱାସ୍ଥ୍ୟ ଅଧିକାରୀ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ନିଗମ ଅଂଚଳରେ ଯୁଦ୍ଧକାଳୀନ ଭିତିରେ ପାଇପ ବିଛା କାର୍ଯ୍ୟ ଚାଲୁଅଛି । ଯେଉଁ ଯେଉଁ ଅଂଚଳରେ ପାଇକ ବିଛା କାର୍ଯ୍ୟ ଆରମ୍ଭ କରାଯାଇନାହିଁ ଯଥାଶିଘ୍ର ଆରମ୍ଭ କରାଯିବ ।

ଓପିଟିସିଏଲ୍ ଅଧିକାରୀ ଆଲୋଚନାରେ ଅଂଶ ଗ୍ରହଣ କରି ବର୍ତମାନ ନିଗମ ଅଂଚଳରେ କେବୁଲ ବିଛା କାର୍ଯ୍ୟକ୍ରମ ୮୦ ପ୍ରତିଶତ ଶେଷ ହୋଇଥିବା ବେଳେ ଅବଶିଷ୍ଟ ୧୦ ପ୍ରତିଶତ କାର୍ଯ୍ୟ ଯଥାଶିଘ୍ର ଶେଷ କରାଯିବ ବୋଲି ବୈଠକରେ ସୂଚନା ଦେଇଥିଲେ ।

ଆସନ୍ତା ପୌର ନିର୍ବାଚନ ନିମନ୍ତେ କଟକ ମହାନଗର ନିଗମର ସଂରକ୍ଷଣ ସମ୍ପର୍କରେ ସମସ୍ତ କର୍ପୋରେଟର ମାନେ ନିଜ ନିଜ ମତ ଦେବା ସହ ୨୦୧୪ ମସିହାରେ ନିର୍ବାଚନ ହୋଇଥିବା ୫୯ ଗୋଟି ୱାର୍ଡ଼କୁ ବୃଦ୍ଧି ନକରାଯିବା ସହ ଯେଉଁ ଯେଉଁ ୱାର୍ଡ଼ରେ ଯାହା ସଂରକ୍ଷଣ ବ୍ୟବସ୍ଥା ଥିଲା ତାହାକୁ କାଏମ ରଖାଯିବା ସହ

ରାଜ୍ୟ ସରକାରଙ୍କୁ ନିବେଦନ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ଚଳିତ କାଉନସିଲରେ ଜାଇକା, ଅମୃତ ଦ୍ୱାରା ୱାର୍ଡ଼ ବାସୀ ଯେଉଁ ଯେଉଁ ସମସ୍ୟା ଦେଇ ଗତି କରିଥିଲେ, ବିଗତ ଦିନରେ ତାହା ସମାଧାନ ହେବାକୁ ଥିବାରୁ, ୨୦୧୪ ମସିହା ପୌର ନିର୍ବାଚନରେ ଯେଉଁ ଯେଉଁ କର୍ପୋରେଟରମାନେ ଲୋକ ପ୍ରତିନିଧି ଭାବେ ବିଜୟୀ ହୋଇ ଜନସାଧାରଣଙ୍କ ଅସନ୍ତୋଷର ଶିକାର ହୋଇଥିଲେ ଆଗାମୀ ଦିନରେ ସମସ୍ତ ସମସ୍ୟାର ସମାଧାନ ହେବାକୁ ଥିବାରୁ ବର୍ତମାନ ୱାର୍ଡ଼ର ସଂରକ୍ଷଣ ବ୍ୟବସ୍ଥାକୁ କାଏମ ରଖାଯିବାକୁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଉପସ୍ଥାପନା କରାଯାଇଥିଲା ।

ଶ୍ରୀଯୁକ୍ତ ବିକାଶ ଚନ୍ଦ୍ର ମହାପାତ୍ର, ଆୟୁକ୍ତ , ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ ୨୦୧୧ ମସିହା ଜନଗଣନା ଆଧାରରେ ନିଗମକୁ ୫୯ ଗୋଟି ୱାର୍ଡ଼ରେ ବିଭକ୍ତ କରାଯାଇଥିଲା, ବର୍ତମାନ ୱାର୍ଡ଼କୁ ବୃଦ୍ଧି ନକରାଯାଇ, ସମସ୍ତ ସଦସ୍ୟ/ସଦସ୍ୟା ମାନଙ୍କର ଅନୁରୋଧକୁ ଦୃଷ୍ଟିରେ ରଖାଯାଇ ୱାର୍ଡ଼ ସରକ୍ଷଣ ବ୍ୟବସ୍ଥାକୁ ପରିବର୍ତନ ନକରିବା ପାଇଁ ରାଜ୍ୟ ସରକାରଙ୍କୁ ଅନରୋଧ କରାଯିବା ବୋଲି ମତବ୍ୟକ୍ତ କରିଥିଲେ । ଯେହେତୁ ୱାର୍ଡ଼ ସଂରକ୍ଷଣ ବ୍ୟବସ୍ଥା ନୀୟମ ଅନୁଯାୟୀ ପ୍ରତ୍ୟେକ ନିର୍ବାଚନରେ ପରିବର୍ତନ କରିବା କଥା କିନ୍ତୁ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ସଂରକ୍ଷଣ ବ୍ୟବସ୍ଥା କରାଯାଇଥାଏ । ଏଥିରେ ସରକାର କୌଣସି ନିଷ୍ପତି ନେଇପାରିବେ ନାହିଁ ବୋଲି ଆଲୋକପାତ କରିଥିଲେ ।ଜାଇକା, ଅମୃତ ଏବଂ ଓପିଟିସିଏଲ୍ ଦ୍ୱାରା। ନିଗମର ବିଭିନ୍ନ ଅଂଚଳରେ କରାଯାଇଥିବା କାର୍ଯ୍ୟରେ ସମ୍ପୃକ୍ତ ୱାର୍ଡ଼ର କର୍ପୋରେଟରମାନଙ୍କ ସହ ଯୋଗାଯୋଗ କରି କାର୍ଯ୍ୟ କରିବାକୁ ଉକ୍ତ ୩ଗୋଟି ସଂସ୍ଥାଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ଆସନ୍ତା ପୌର ନିର୍ବାଚନ ନିମନ୍ତେ ୱାର୍ଡ଼ର ସଂରକ୍ଷଣ ବିଷୟରେ ଗୃହରେ ବହୁ ଆଲୋଚନା ପର୍ଯ୍ୟାଲୋଚନା କରାଯାଇ ସର୍ବ ସମ୍ମତି ପ୍ରସ୍ତାବ ଅନୁଯାୟୀ ୱାର୍ଡ଼ ସଂରକ୍ଷଣ ବ୍ୟବସ୍ଥାକୁ ପାରିତ କରାଗଲା ଏବଂ ରାଜ୍ୟ ସରକାରଙ୍କ ଅନୁମୋଦନ ନିମନ୍ତେ ସୁପାରିଶ କରାଗଲା ।

**ଏହା ପରେ ବୈଠକର ଉପରୋକ୍ତ ଆଲୋଚନା ଅନୁଯାୟୀ ନମ୍ନଲିଖିତ ନିଷ୍ପତି ଗୁଡ଼ିକ ସର୍ବସମତି କ୍ରମେ ପାରିତ କରାଗଲା ।**

୧. ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାନୁଯାୟୀ ୨୦୧୧ ଜନଗଣନା ଆଧାରରେ କଟକ ମହାନଗର ନିଗମର ୱାର୍ଡ଼ ପୁର୍ନଗଠନ ସମ୍ପର୍କରେ ଆୟୁକ୍ତଙ୍କ ଦ୍ୱାରା ଉପସ୍ଥାପନ କରାଯାଇଥିବା ତଥ୍ୟକୁ ଆଲୋଚନା କରାଯାଇ କଟକ ମହାନଗର ନିଗମ ଅଂଚଳର ସମୁଦାୟ ଜନସଂଖ୍ୟା ୬,୧୦,୧୮୯ ତଥ୍ୟ ଆଧାରରେ **U/s 60** ଏବଂ **Clause 6 & 7 of OMC Act, 2003** ଅନୁଯାୟୀ ବର୍ତମାନ ନିଗମର ୱାର୍ଡ଼ ସଂଖ୍ୟା-୫୯କୁ ବୃଦ୍ଧି ନକରାଯାଇ କାଏମ ରଖାଯିବାକୁ ସ୍ଥିର କରାଗଲା । ଏତଦ୍‌ବ୍ୟତିତ ସମସ୍ତ ୫୯ ଗୋଟି ୱାର୍ଡ଼ର ସଂରକ୍ଷଣ ବ୍ୟବସ୍ଥାକୁ ୨୦୧୪ ମସିହା ପୌର ନିର୍ବାଚନ ଅନୁଯାୟୀ ପରିବର୍ତନ କରାନଯାଇ ପୂର୍ବବତ୍ କାଏମ ରଖାଯିବା ନିମନ୍ତେ ସର୍ବସମ୍ମତି କ୍ରମେ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯିବା ନିମନ୍ତେ ନିଷ୍ପତି ଗ୍ରହଣ କରାଗଲା ।

୨. ନିଗମ ଅଂଚଳରେ ଜାଇକା, ଅମୃତ ଏବଂ ଓପିଟିସିଏଲ ସଂସ୍ଥା ଦ୍ୱାରା ବିଭିନ୍ନ ୱାର୍ଡ଼ରେ କରାଯାଉଥିବା କାର୍ଯ୍ୟର ଅନୁଧ୍ୟାନ କରିବା ସମୟରେ ସମ୍ପୃକ୍ତ ୱାର୍ଡ଼ର କର୍ପୋରେଟରମାନଙ୍କ ସହାୟତାରେ ଉକ୍ତ ସଂସ୍ଥାର ଅଧିକାରୀମାନେ ପ୍ରତ୍ୟେକ ଦିନ ୩ଗୋଟି ୱାର୍ଡ଼କୁ ପରିଦର୍ଶନ କରାଯିବା ନିମନ୍ତେ ସ୍ଥିର କରାଗଲା ।

୩.	ନିଗମର ସମସ୍ତ ୱାର୍ଡ଼ରେ ବକେୟା ଥିବା ଅଂଚଳ ଗୁଡ଼ିକୁ ଜାଇକା କାର୍ଯ୍ୟରେ ଅର୍ନ୍ତଭୁକ୍ତ କରାଯାଇନଥିବାରୁ, ଏ ବାବଦରେ ବକେୟା ଥିବା ଅଂଚଳ ଗୁଡ଼ିକୁ ଜାଇକା ଅର୍ନ୍ତଭୂକ୍ତ କରାଯିବା ନିମନ୍ତେ ରାଜ୍ୟ ସରକାରଙ୍କୁ ପତ୍ରାଳାପ କରାଯିବାକୁ ସ୍ଥିର କରାଗଲା ।

ସର୍ବଶେଷରେ ଉପସ୍ଥିତ ସଦସ୍ୟ / ସଦସ୍ୟାମାନେ ବୈଠକର ଉପର ବର୍ଣ୍ଣିତ ଆଲୋଚନାରେ ଅଂଶ ଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ମାନ୍ୟବର ଡେପୁଟି ମେୟର ଶ୍ରୀଯୁକ୍ତ ଅଜୟ କୁମାର ବାରିକ ଧନ୍ୟବାଦ ଜ୍ଞାପନ କରିବା ପରେ ସଭା ସାଙ୍ଗ କରାଯାଇଥିଲା ।

ମୀନାକ୍ଷୀ ବେହେରା)
ମେୟର
କଟକ ମହାନଗର ନିଗମ

ଜ୍ଞାପକ ସଂ .............. ତା ..................

ଏହାର ଏକ କିତା ନକଲ ନିର୍ଦ୍ଦେଶକ, ପୌର ପ୍ରଶାସନ ଏବଂ ପଦ ପ୍ରଯୁକ୍ତ ଅତିରିକ୍ତ ଶାସନ ସଚିବ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର, ଭୂବନେଶ୍ୱର / ସଚୀବ, ରାଜସ୍ୱ କମିଶନର (କେନ୍ଦ୍ରାଂଚଳ), କଟକ / ଜିଲ୍ଲାପାଳ, କଟକଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଉପ ଆୟୁକ୍ତ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ .............. ତା ..................

ଏହାର ଏକ କିତା ନକଲ କଟକ ମହାନଗର ନିଗମର ସମସ୍ତ କର୍ପୋରେଟର ମାନଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଉପ ଆୟୁକ୍ତ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ .............. ତା ..................

ଏହାର ଏକ କିତା ନକଲ କମିଶନର / ଅତିରିକ୍ତ କମିଶନର-୧ / ଅତିରିକ୍ତ କମିଶନର-୨ / ଡ଼େପୁଟି କମିଶନର-୧,୨ / ଡ଼େପୁଟି କମିଶନର-୩ ଓ ୪ / ନଗର ଯନ୍ତ୍ରୀ / ନିର୍ବାହୀ ଯନ୍ତ୍ରୀ (୧ ଓ ୨) / ବିତ ଅଧିକାରୀ / ସଚିବ / ରିକଭରୀ ଅଫିସର / ନଗର ସ୍ୱାସ୍ଥ୍ୟ ଅଧିକାରୀ / ଉପ ନିର୍ବାହୀ ଯନ୍ତ୍ରୀ ସମସ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ /ସମସ୍ତ ସହକାରୀ ଯନ୍ତ୍ରୀ / ସମସ୍ତ କନିଷ୍ଠ ଯନ୍ତ୍ରୀଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଉପ ଆୟୁକ୍ତ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ .............. ତା ..................

ଏହାର ଏକ କିତା ନକଲ ଡ଼େପୁଟି ମେୟର / ମେୟରଙ୍କ ସହାୟକ ଏବଂ ନିଗମର ସମସ୍ତ ବିଭାଗୀୟ ମୁଖ୍ୟ ସହାୟକଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଉପ ଆୟୁକ୍ତ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ .............. ତା ..................

ଏହାର ଏକ କିତା ନକଲ ନିଗମର ୱେବ ସାଇଟରେ ଛଡ଼ାଯିବାକୁ. ଏମ୍ ଆଇଏସ୍ ସେଲ କୁ ପ୍ରଦାନ କରାଗଲା ।

ଉପ ଆୟୁକ୍ତ
କଟକ ମହାନଗର ନିଗମ, କଟକ